# NATIONAL NEWS BULLETIN (ODIA)

**27 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୋଧ ଯୁଦ୍ଧରେ ଏକତା ହେଉଛି ସବୁଠାରୁ ବଡ ଶକ୍ତି- କହିଲେ ପ୍ରଧାନମନ୍ତ୍ରୀ ।

\- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ସଚେତ୍ ଆପ୍‌ର ବ୍ୟବହାର ଏବଂ ଅଭିଜ୍ଞତାକୁ ବାଣ୍ଟିବାକୁ କଲେ ଅନୁରୋଧ ।

- ଉପରାଷ୍ଟ୍ରପତି କହିଛନ୍ତି, କୃଷି ଏବଂ କୃଷକ ସଶକ୍ତିକରଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ସରକାର ।

- ଇରାନ୍‌ର ଏକ ବନ୍ଦରରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ।

- ନୂତନ ସରକାର ନିର୍ବାଚନ ନେଇ କାନାଡ଼ାରେ ଆସନ୍ତାକାଲି ମତଦାନ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍ ।

---

# ମନ୍ କି ବାତ୍

ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଏହି ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକଙ୍କ ହତାଶା ଏବଂ ଅସହିଷ୍ଣୁତାକୁ ଦର୍ଶାଉଛି । ସେମାନେ କାଶ୍ମୀରକୁ ପୁଣିଥରେ ଧ୍ୱଂସ କରିବାକୁ ଚାହୁଁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (Pahelgam Attack)**

ଆତଙ୍କବାଦ ବିରୋଧ ଯୁଦ୍ଧରେ ସବୁଠାରୁ ବଡ ଶକ୍ତି ହେଉଛି ଦେଶର ଏକତା । ଏହି ଆହ୍ୱାନର ମୁକାବିଲା ପାଇଁ ସଂକଳ୍ପକୁ ଦୃଢ଼ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ଆକ୍ରମଣ ଘଟଣାରେ ସମଗ୍ର ବିଶ୍ୱ କ୍ରମାଗତ ଭାବେ ସମବେଦନା ଜ୍ଞାପନ କରୁଛି । ଏହି ଲଢ଼େଇରେ ୧୪୦କୋଟି ଭାରତୀୟଙ୍କ ସହ ବିଶ୍ୱବାସୀ ଛିଡାହୋଇଛନ୍ତି ବୋଲି ସେ କହିଛନ୍ତି ।

ଦୁଇଦିନ ତଳେ ପରଲୋକ ଗମନ କରିଥିବା ଡକ୍ଟର କେ. କସ୍ତୁରୀରଙ୍ଗନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ତାଙ୍କ ନେତୃତ୍ୱରେ ଇସ୍ରୋ ଏକ ନୂତନ ପରିଚୟ ହାସଲ କରିଛି । ଦେଶରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନରେ ଡକ୍ଟର କସ୍ତୁରୀରଙ୍ଗନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି ।

**V/O (Kasturi Rangan)**

ଚଳିତମାସରେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉତ୍କ୍ଷେପଣର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଦୃଢ଼ ନିଷ୍ଠାଯୁକ୍ତ ୫୦ବର୍ଷର ଏହି ଯାତ୍ରା ଭାରତକୁ ଏକ ବିଶ୍ୱ ମହାଶକ୍ତିରେ ପରିଣତ କରିଛି । ଚନ୍ଦ୍ରର ଦକ୍ଷିଣମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି ବୋଲି ସେ କହିଛନ୍ତି ।

ଦେଶରେ ଚିକିତ୍ସା ସୁବିଧା କ୍ରମାଗତ ଭାବେ ଉନ୍ନତ ହେଉଛି ଏବଂ ଅନ୍ୟଦେଶର ନାଗରିକ ଏଥିରୁ ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଶିଶୁଙ୍କୁ ଚିକିତ୍ସା ପାଇଁ ଭାରତ ପଠାଇବା ଲାଗି ଆଫ୍ରିକା ଇଥିଓପିଆର ପ୍ରବାସୀ ଭାରତୀୟଙ୍କ ଅଭିନବ ପ୍ରୟାସ ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ ଦେଶକୁ ଭାରତ ପଠାଇଥିବା ସହାୟତା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ପ୍ରାକୃତି ବିପର୍ଯ୍ୟୟ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ସଚେତ୍ ଆପ୍ ଆଞ୍ଚଳିକ ଭାଷାରେ ଏନେଇ ସୂଚନା ପ୍ରଦାନ କରୁଛି । ଏହି ଆପ୍‌ର ବ୍ୟବହାର ସହ ଅଭିଜ୍ଞତାକୁ ବାଣ୍ଟିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

**V/O (Sachet App)**

ପ୍ରଧାନମନ୍ତ୍ରୀ କହିଛନ୍ତି ମହାକାଶକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଘରୋଇ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରାଯାଇଛି । ଯୁବବର୍ଗ ମହାକାଶ ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ ପ୍ରଦାନ କରୁଛନ୍ତି । ଏବେ ଦେଶରେ ୩୨୫ରୁ ଅଧିକ ମହାକାଶ କ୍ଷେତ୍ର ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି ।

ମ୍ୟାଁମାର ଭୂମିକମ୍ପ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ରିଲିଫ ଏବଂ ଉଦ୍ଧାରକାର୍ଯ୍ୟରେ ସହାୟତା ପ୍ରଦାନ କରିବା ଲାଗି ଭାରତ

ତୁରନ୍ତ ଅପରେସନ ବ୍ରହ୍ମା କାର୍ଯ୍ୟକାରୀ କରିଥିଲା । ଅପରେସନ ବ୍ରହ୍ମାରେ ଭାଗ ନେଇଥିବା ପ୍ରତ୍ୟେକଙ୍କ ପାଇଁ ସମଗ୍ର ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୧୭ ମସିହାର ଚମ୍ପାରଣ ସତ୍ୟାଗ୍ରହ ସମ୍ପର୍କରେ ସ୍ମରଣ କରିଥିଲେ । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଲିଖିତ 'ଚମ୍ପାରଣରେ ସତ୍ୟାଗ୍ରହ' ପୁସ୍ତକ ପଢ଼ିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ଅଭିଯାନକୁ ଏକବର୍ଷ ପୂରିବ । ଏହା ଅଧୀନରେ ୧୪୦କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ଦେଶ ଓ ବିଦେଶର ଲୋକ ଏହି ଅଭିଯାନରେ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

ଏପ୍ରିଲ ମାସ ଅନ୍ୟାନ୍ୟ ଉଲ୍ଲେଖନୀୟ ଘଟଣାକୁ ମନେପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ୬ ତାରିଖରେ ବାପୁଜୀଙ୍କ ଦାଣ୍ଡି ଯାତ୍ରା ଶେଷ ହୋଇଥିଲା । ୨୪ଦିନ ଧରି ଚାଲିଥିବା ଏହି ପଦଯାତ୍ରା ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା । ଏପ୍ରିଲ ମାସରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଘଟିଥିଲା । ଆସନ୍ତାମାସ ୧୦ ତାରିଖରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବାର୍ଷିକୀ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରେରଣା ଦେଶକୁ ସତ୍‌ମାର୍ଗରେ ଆଗେଇ ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଭିପି-ଏଗ୍ରିକଲଚର ୟୁନିଭରସିଟି

କୃଷି ଏବଂ କୃଷକ ସଶକ୍ତିକରଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି । ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରେ ଏକ ସଭାକୁ ଆଜି ସମ୍ବୋଧନ କରି ଉପରାଷ୍ଟ୍ରପତି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷକଙ୍କ ପାଇଁ ସରକାର ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି । ପ୍ରଧାନମନ୍ତ୍ରୀ କିଶାନ ଯୋଜନାର ସୁଫଳ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚି ପାରୁଛି ବୋଲି ସେ କହିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ସବୁକ୍ଷେତ୍ରରେ ଅର୍ଥନୈତିକ ସଂସ୍କାରର ଆବଶ୍ୟକତା ରହିଛି । କୃଷି କ୍ଷେତ୍ରଗୁଡ଼ିକ ଉପରେ ନିବେଶକୁ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀ 'ଏକ୍ ପେଡ୍ ମାଁ କେ ନାମ' ଅଭିଯାନ ଅଧୀନରେ ସେଠାରେ ଏକ ଚାରାରୋପଣ କରିବା ସହ ଆୟୋଜିତ କୃଷି ପ୍ରଦର୍ଶନୀକୁ ବୁଲି ଦେଖିଥିଲେ ।

## ଆର୍ମୀ-ଜେକେ

ଜାମ୍ମୁ-କାଶ୍ମୀର ନିୟନ୍ତ୍ରଣ ରେଖା ନିକଟରେ ଗତ ରାତିରେ ପାକିସ୍ତାନ ସେନାର ଗୁଳିମାଡ଼ର ଜବାବ ଭାରତୀୟ ସେନା ପକ୍ଷରୁ ଦିଆଯାଇଛି । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତୁତ୍‌ମାରୀ ଗଲି ଏବଂ ରାମପୁର ଅଞ୍ଚଳରେ ପାକିସ୍ତାନୀ ସେନା ପକ୍ଷରୁ ହୋଇଥିବା ଗୁଳିମାଡ଼ର ଜବାବ ଭାରତୀୟ ସୈନିକ ଦେଇଥିଲେ । ତେବେ ଏଥିରେ କେହି ମୃତାହତ ହୋଇନଥିବାର ପ୍ରତିରକ୍ଷା ସୂତ୍ରରୁ ସୂଚନା ଦିଆଯାଇଛି ।

## ଇରାନ ବ୍ଲାଷ୍ଟ

ଦକ୍ଷିଣ ଇରାନ ସହର ଆବାସ ନିକଟସ୍ଥ ସାହିଦ ରାଜାଇ ବନ୍ଦରରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ୮୦୦ରୁ ଅଧିକ ଲୋକ ଏଥିରେ ଆହତ ହୋଇଥିବା ଇରାନ୍‌ର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । କଣ୍ଟେନରରେ ଅନୁପଯୁକ୍ତ ଭାବେ ରସାୟନିକ ପଦାର୍ଥର ସଂରକ୍ଷଣ ଯୋଗୁଁ ଏହି ବିସ୍ଫୋରଣ ଘଟିଥିବା ଇରାନ୍‌ର ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖପାତ୍ର ହୁସେନ ଜାଫରି ସୂଚନା ଦେଇଛନ୍ତି । ତେବେ ବିସ୍ଫୋରଣର ପ୍ରକୃତ କାରଣ ନେଇ ତଦନ୍ତ ଚାଲିଥିବା ସରକାର କହିଛନ୍ତି । ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଘଟଣା ନେଇ ଦୁଃଖ ପ୍ରକାଶ

କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ସମବେଦନା ଜଣାଇଛନ୍ତି । ଆଭ୍ୟନ୍ତରୀଣ ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ସମୀକ୍ଷା ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଷ୍ଟ୍ରପତି ସୂଚନା ଦେଇଛନ୍ତି ।

## କାନାଡା ପୋଲ୍

କାନାଡାରେ ନୂତନ ସରକାର ନିର୍ବାଚନ ନେଇ ଆସନ୍ତାକାଲି ଭୋଟ୍‌ଗ୍ରହଣ କରାଯିବ । ୩୪୩ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ କମନ୍ସ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ୧୭୨ଟି ଆସନ ହାସଲ କରିଥିବା ଦଳ କିମ୍ବା ମେଣ୍ଟ ସରକାର ଗଠନ କରିବେ । ପାଖାପାଖି ୨୮ ନିୟୁତ ପଞ୍ଜିକୃତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ମତଦାନ ପ୍ରକ୍ରିୟାରେ ତଦାରଖ ଦାୟିତ୍ୱରେ ଥିବା ସ୍ୱାଧୀନ ସଂସ୍ଥା ଇଲେକ୍ସନ କାନାଡା ଦ୍ୱାରା ନିର୍ବାଚନ ପରିଚାଳନା କରାଯାଉଛି । ମତଦାନ ଶେଷ ହେବାର ୩୦ମିନିଟ୍ ପରେ ସମ୍ଭାବ୍ୟ ଫଳାଫଳ ସମ୍ପର୍କରେ ଇଲେକ୍ସନ କାନାଡା ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । ତେବେ ଭୋଟ୍‌ଗଣତି ପରେ ପ୍ରକୃତ ଫଳାଫଳ ଘୋଷଣା କରାଯିବ ।  ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ବିଦାୟ ପରେ ଲିବେରାଲ ପାର୍ଟିର ମାର୍କ କାର୍ନି ଏବଂ କନ୍‌ଜରଭେଟିଭ ପାର୍ଟିର ପିଏରେ ପୋଇଲିଭ୍ରେ ପ୍ରଧାନମନ୍ତ୍ରୀତ୍ୱ ପଦବୀ ପାଇଁ ପ୍ରମୁଖ ଦାବିଦାର

ରହିଛନ୍ତି । ଗତ ମାର୍ଚ୍ଚ ୧୪ ତାରିଖରେ ମାର୍କ କାର୍ନି ୨୪ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ତେବେ ସଂସଦ ଭଙ୍ଗ କାରଣରୁ ପୁନଃ ନିର୍ବାଚନ ଅନୁଷ୍ଠିତ ହେଉଛି । ପୂର୍ବ ସଂସଦରେ ଲିବେରାଲ ଦଳ ୧୫୨ଟି ଆସନ ହାସଲ କରିଥିବାବେଳେ ୨୪ଟି ଆସନ ଅକ୍ତିଆର କରିଥିବା ବାମପନ୍ଥୀ ପ୍ରଗତିଶୀଳ ଗୋଷ୍ଠୀ ନିଉ ଡେମୋକ୍ରାଟିଭ ପାର୍ଟି ସହିତ ଏକ ବୁଝାମଣା ମାଧ୍ୟମରେ ଶାସନ କରୁଥିଲେ । କିନ୍ତୁ ନିଉ ଡେମୋକ୍ରାଟିଭ ପାର୍ଟି ସହ ଏହି ଚୁକ୍ତି ଗତ ସେପ୍ଟେମ୍ବର ମାସରେ ଶେଷ ହୋଇଛି । ଅନ୍ୟପକ୍ଷରେ ବିରୋଧୀ କନ୍‌ଜରଭେଟିଭ ପାର୍ଟି ୧୨୦ଟି ଆସନ ହାସଲ କରିଥିଲା ।

## ଜେକେ ଆସେମ୍ବ୍ଲି ସେସନ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଆଲୋଚନା କରିବାକୁ ଆସନ୍ତାକାଲି ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ । ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ଘଟଣା ସଂପର୍କରେ ଆଲୋଚନା କରାଯିବ । ଏଥିସହ ବିଧାନସଭାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇ ଏକ ସଂକଳ୍ପ ପାରିତ କରାଯିବ ।

ସୂଚନା ଅନୁଯାୟୀ ସଂକଳ୍ପ ଗୃହୀତ ହେବା ପୂର୍ବରୁ ବିଧାନସଭାରେ ଏହି ଘଟଣା ଉପରେ ପ୍ରାୟ ୨ ଘଣ୍ଟା ଆଲୋଚନା ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ନ ୩ଟା ୩୦ରେ ମୁମ୍ବାଇରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଉଭୟ ଦଳ ଏପର୍ଯ୍ୟନ୍ତ ୧୦ ପଏଣ୍ଟ ଲେଖାଏଁ ହାସଲ କରିଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ତାଲିକାର ୫ମ ଏବଂ ଲକ୍ଷ୍ନୌ ଷଷ୍ଠ ସ୍ଥାନରେ ରହିଛି ।

ସନ୍ଧ୍ୟା ୭ଟା ୩୦ରେ ଦିଲ୍ଲୀରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦିଲ୍ଲୀ କ୍ୟାପିଟାଲ୍ସ ୧୨ ପଏଣ୍ଟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ତାଲିକାର ତୃତୀୟ ସ୍ଥାନରେ ରହିଛି ।

ସିରିଜ୍‌ର ଗତସନ୍ଧ୍ୟାରେ ବର୍ଷା ବାଧିତ  ମ୍ୟାଚ୍ ଯୋଗୁଁ କୋଲକାତା ନାଇଟ୍ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି ।